# NATIONAL NEWS BULLETIN (ODIA)

## 12 March- 2025

## Mid Bulletin : 1.50 p.m.

---

# ମୁଖ୍ୟ ସମ୍ବାଦ

- ଦେଶର ନିରନ୍ତର ବିକାଶ ପାଇଁ ସମାଜର ବଞ୍ଚିତ ଓ ପଛୁଆ ବର୍ଗଙ୍କ ଉନ୍ନତି ଉପରେ ରାଷ୍ଟ୍ରପତିଙ୍କ ଗୁରୁତ୍ୱାରୋପ

- ମରିସସ୍ ପ୍ରଧାନମନ୍ତ୍ରୀଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଲୋଚନା; ସ୍ୱାକ୍ଷରିତ ହେଲା ୮ଟି ବୁଝାମଣାପତ୍ର

- ମହାକୁମ୍ଭ ସମୟରେ ରେଳବାଇ ୧୭ ହଜାରରୁ ଅଧିକ ଟ୍ରେନ୍ ଚଳାଚଳ କରିଥିବା ଲୋକସଭାରେ ସୂଚନା ଦେଲେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

- ପାକିସ୍ତାନର ବେଲୁଚିସ୍ତାନରେ ଟ୍ରେନ୍ ଅପହରଣରେ ପଣବନ୍ଦୀଙ୍କ ମଧ୍ୟରୁ ଉଦ୍ଧାର ହେଲେ ୧୫୦

ଏବଂ

- ମହିଳା ପ୍ରିମିୟର ଲିଗ୍ କ୍ରିକେଟ ପ୍ରତିଯୋଗିତାର ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହେଲା ଦିଲ୍ଲୀ କ୍ୟାପିଟାଲ୍ସ

# ପ୍ରେଜ୍-ପଞ୍ଜାବ ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଦେଶର ଅର୍ନ୍ତଭୁକ୍ତୀ ଓ ନିରନ୍ତର ବିକାଶ ପାଇଁ ସମାଜର ବଞ୍ଚିତ ଓ ପଛୁଆ ବର୍ଗଙ୍କ ଉନ୍ନତି ଉପରେ ଗୁରୁତ୍ୱାରୋପ କରିଛନ୍ତି । ଚଣ୍ଡିଗଡ଼ଠାରେ  ପଞ୍ଜାବ ବିଶ୍ୱବିଦ୍ୟାଳୟର ୭୨ତମ ସମାବର୍ତ୍ତନ ଉତ୍ସବରେ ଅଧ୍ୟକ୍ଷତା କରି ରାଷ୍ଟ୍ରପତି ଏହା କହିଛନ୍ତି ।

**V/O- PRESIDENT-ON-YUVA**

ପଞ୍ଜାବ ବିଶ୍ୱବିଦ୍ୟାଳୟ ବିକଶିତ ଭାରତର ଲକ୍ଷ୍ୟକୁ ଦୃଷ୍ଟିରେ ରଖି ନୂତନ ଶିକ୍ଷାନୀତି ଅନୁଯାୟୀ ଉଦ୍ଭାବନ, ଗବେଷଣା ଏବଂ ବିଶ୍ୱସ୍ତରୀୟ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରୁଛି ବୋଲି ରାଷ୍ଟ୍ରପତି ସନ୍ତୋଷ ବ୍ୟକ୍ତ କରିଛନ୍ତି । ଶ୍ରୀମତୀ ମୁର୍ମୁ ଶିକ୍ଷା ସହ ଶିଳ୍ପର ସଂଯୋଗ ଉପରେ ଗୁରୁତ୍ୱାରୋପ କରିଛନ୍ତି ।

ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇ ରାଷ୍ଟ୍ରପତି କହିଛନ୍ତି, ଭବିଷ୍ୟତର ଆହ୍ୱାନର ମୁକାବିଲା ପାଇଁ ପ୍ରସ୍ତୁତ ରହିବା ପାଇଁ ଛାତ୍ରଛାତ୍ରୀମାନେ ସକାରାତ୍ମକ ମାନସିକତା ବଜାୟ ରଖିବା ସହ ଅଭିନବ ଜ୍ଞାନକୌଶଳ ସହିତ ପରିଚିତ ହେବା ଉଚିତ୍ ।

ପ୍ରତ୍ୟେକ କ୍ଷେତ୍ରରେ ମହିଳାମାନେ ଉତ୍କର୍ଷ ପ୍ରଦର୍ଶନ କରୁଥିବାରୁ ରାଷ୍ଟ୍ରପତି ଖୁସିବ୍ୟକ୍ତ କରିଥିଲେ ଏବଂ ସମାବର୍ତ୍ତନ ଉତ୍ସବରେ ଡିଗ୍ରୀ ଓ ପଦକ ପାଇଥିବା ବିଦ୍ୟାର୍ଥୀଙ୍କ ମଧ୍ୟରୁ ୮୦ ପ୍ରତିଶତ ମହିଳାଙ୍କୁ ସମ୍ମାନିତ କରିଛନ୍ତି । ବିଶ୍ୱବିଦ୍ୟାଳୟର ଏହି ସଫଳତାକୁ ସେ ପ୍ରଶଂସା କରିଛନ୍ତି । ରାଷ୍ଟ୍ରପତି ପ୍ରଖ୍ୟାତ ଗଣିତଜ୍ଞ ଡକ୍ଟର ଆର୍ ଜେ ହଂସ-ଗିଲ୍ ଓ ସମାଜସେବୀ

ସୁଶ୍ରୀ ନିବେଦିତା ରଘୁନାଥ ଭିଡେଙ୍କୁ ସମ୍ମାନିତ କରିଛନ୍ତି। ହଂସ-ଗିଲ୍ ଙ୍କୁ ଡକ୍ଟର ଅଫ୍ ସାଇନ୍ସ ଏବଂ ସୁଶ୍ରୀ ନିବେଦିତା ରଘୁନାଥ ଭିଡେଙ୍କୁ ଡକ୍ଟର ଅଫ୍ ଲିଟେରେଚର ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଅବସରରେ ହରିୟାଣା ରାଜ୍ୟପାଳ ବନ୍ଦାରୁ ଦତ୍ତାତ୍ରେୟ, ପଞ୍ଜାବ ରାଜ୍ୟପାଳ ବନୱାରୀ ଲାଲ ପୁରୋହିତ, ହରିୟାଣା ମୁଖ୍ୟମନ୍ତ୍ରୀ ନୟାବ ସିଂହ ସାଇନି ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ଏହାବ୍ୟତୀତ ନିଜ ନିଜ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅନେକ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଛି।

ଡକ୍ଟର ଗୁରତେଜ ସିଂହ ସାନ୍ଧୁଙ୍କୁ ବିଜ୍ଞାନ ରତ୍ନ, ଡକ୍ଟର ହରମୋହିନ୍ଦର ସିଂହ ବେଦୀ ସାହିତ୍ୟ ରତ୍ନ, ଡକ୍ଟର ପୁଷ୍ପିନ୍ଦର ଜିତ୍ ସିଂହ ଉଦ୍ୟୋଗ ରତ୍ନ ଏବଂ ଡକ୍ଟର ଜସପିନ୍ଦର ନରୁଲା କଳା ରତ୍ନ ପ୍ରଦାନ କରାଯାଇଛି। ରାଷ୍ଟ୍ରପତି ମନୁ ଭାକରଙ୍କୁ ଖେଳ ରତ୍ନରେ ସମ୍ମାନିତ କରିଛନ୍ତି।

ସମାବର୍ତ୍ତନ ଉତ୍ସବରେ ପ୍ରାୟ ୮୧୨ ଜଣ ପିଏଚଡି ଛାତ୍ରଛାତ୍ରୀ ଓ ୭୦ ଜଣ ପଦକ ବିଜୟୀ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ଓ ପଦକ ପ୍ରଦାନ କରାଯାଇଛି। ଆଜି ଡିଗ୍ରୀ ହାସଲ କରିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ୬୧୭ ଜଣ ମହିଳା ଥିବା ବେଳେ ପଦକ ବିଜେତାଙ୍କ ମଧ୍ୟରେ ୬୨ ଜଣ ମହିଳା ଅଛନ୍ତି।

## ପିଏମ୍ ମରିସସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ’ ଦୁଇ ଦିନିଆ ସରକାରୀ ଗସ୍ତ ଅବସରରେ ମରିସସ୍ ପ୍ରତିପକ୍ଷ ନବୀନ ରାମଗୁଲାମଙ୍କ ସହ ପ୍ରତିନିଧି ସ୍ତରୀୟ ଆଲୋଚନା କରିଛନ୍ତି । ଏହି ବୈଠକରେ ସ୍ଥାନୀୟ ମୁଦ୍ରା ସମାଧାନ ବ୍ୟବସ୍ଥା, କ୍ରେଡିଟ୍ ଫେସିଲିଟି ଚୁକ୍ତିନାମା, କୂଟନୀତିଜ୍ଞଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ଜାହାଜ ଚଳାଚଳ ସଂକ୍ରାନ୍ତ ସୂଚନା ଆଦାନ ପ୍ରଦାନ, ଆର୍ଥିକ ଅପରାଧର ମୁକାବିଲା, ଏମ.ଏସ.ଏମ.ଇ କ୍ଷେତ୍ରରେ ସହଯୋଗ, ସୁଶାସନ ପାଇଁ ସରକାରୀ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଆଦି ୮ଟି ବୁଝାମଣାପତ୍ର ଓ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଉଭୟ ପ୍ରଧାନମନ୍ତ୍ରୀ ଇ-ଲଞ୍ଚ୍‌ଡ ଏରିଆ ହେଲ୍‌ଥ ସେଣ୍ଟର ଏବଂ ୨୦ଟି ଗୋଷ୍ଠୀ ଉନ୍ନୟନ ପ୍ରକଳ୍ପର ମଧ୍ୟ ଶୁଭାରମ୍ଭ କରିଛନ୍ତି ।

## ପିଏମ୍-ଦାଣ୍ଡି ମାର୍ଚ୍ଚ

ଐତିହାସିକ ଦାଣ୍ଡି ପଦଯାତ୍ରାରେ ସାମିଲ ହୋଇଥିବା ସମସ୍ତଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି, ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଏହି ପଦଯାତ୍ରା ଆତ୍ମନିର୍ଭରଶୀଳତା ଓ ସ୍ୱାଧୀନତା ପାଇଁ ଦେଶବ୍ୟାପୀ ଆନ୍ଦୋଳନ ଆରମ୍ଭ କରିଥିଲା । ପ୍ରଧାନମନ୍ତ୍ରୀ କହିଛନ୍ତି, ଦାଣ୍ଡି ପଦଯାତ୍ରାରେ ଭାଗ ନେଇଥିବା ସମସ୍ତଙ୍କ ସାହସ, ତ୍ୟାଗ ଏବଂ ଅହିଂସା ପ୍ରତି ଅତୁଟ ପ୍ରତିବଦ୍ଧତା’ ପିଢ଼ି ପରେ ପିଢ଼ିକୁ ପ୍ରେରଣା ଦେଉଛି ।

## ବିଜେପି-ଡିଏମ୍‌କେ

ବିଜେପି ସାଂସଦ ଦିନେଶ ଶର୍ମା କହିଛନ୍ତି, ଜାତୀୟ ଶିକ୍ଷା ନୀତି-ଏନ୍.ଇ.ପି. ମାଧ୍ୟମରେ ଆଞ୍ଚଳିକ ଭାଷାକୁ ପ୍ରୋତ୍ସାହିତ କରାଯାଉଛି। ସଂସଦ ବାହାରେ ସାମ୍ବାଦିକମାନଙ୍କୁ ଶ୍ରୀ ଶର୍ମା କହିଛନ୍ତି, ବିକାଶମୂଳକ କାର୍ଯ୍ୟରୁ ଧ୍ୟାନ ହଟାଇବା ପାଇଁ ଡି.ଏମ.କେ ରାଜ୍ୟରେ ଭାଷା ପ୍ରସଙ୍ଗ ଉଠାଉଛି। ସେ କହିଛନ୍ତି, ତାମିଲନାଡୁରେ ଡି.ଏମ.କେ ନିଜର ସମର୍ଥନ ହରାଇବାରେ ଲାଗିଛି ଏବଂ ତାମିଲନାଡୁର ଲୋକମାନେ ସେମାନଙ୍କ ଉପରେ କ୍ରୋଧିତ ଅଛନ୍ତି।

## ଏଲ୍‌ଏସ୍- ରେଲୱେ

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ହୋଲି ଏବଂ ଗ୍ରୀଷ୍ମ ଛୁଟି ସମୟରେ ଯାତ୍ରୀଙ୍କ ଅତିରିକ୍ତ ଭିଡ଼କୁ ଦୃଷ୍ଟିରେ ରଖାଯାଇ ଗତବର୍ଷ ୧୩ ହଜାର ୫୨୩ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଯାଇଥିଲା । ଲୋକସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଶ୍ରୀ ବୈଷ୍ଣବ କହିଛନ୍ତି, ଦୁର୍ଗାପୂଜା, ଦୀପାବଳି ଏବଂ ଛଠ୍ ପର୍ବ ସମୟରେ ଭିଡ଼କୁ ଦୃଷ୍ଟିରେ ରଖି ଗତ ବର୍ଷ ଅକ୍ଟୋବର ପହିଲାରୁ ନଭେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ପ୍ରାୟ ୮ ହଜାର ଟ୍ରିପ୍ ସ୍ପେଶାଲ ଟ୍ରେନ୍ ଚଳାଚଳ କରାଯାଇଥିଲା ଏବଂ ପ୍ରାୟ ୧ କୋଟି ୮ ଲକ୍ଷ ଯାତ୍ରୀଙ୍କୁ ସେବା ଯୋଗାଇ ଦିଆଯାଇଥିଲା। ମହାକୁମ୍ଭ ସମୟରେ ରେଳବାଇ ୧୭ ହଜାରରୁ ଅଧିକ ଟ୍ରେନ୍ ଚଳାଚଳ କରିଥିଲା, ଯେଉଁଥିରେ ପାଖାପାଖି ୪ କୋଟି ୨୪ ଲକ୍ଷ ଯାତ୍ରୀ ସେବା ପାଇ ପାରିଥିଲେ ବୋଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି।

# ପାକିସ୍ତାନ ମିଲିଟାଣ୍ଟ କିଲ୍ଡ

ପାକିସ୍ତାନର ବେଲୁଚିସ୍ତାନର କାଚି ଜିଲ୍ଲାରେ ୪୦୦ରୁ ଅଧିକ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଟ୍ରେନ୍‌କୁ ବାଲୋଚ୍ ଲିବରେସନ୍ ଆର୍ମି–ବିଏଲ୍‌ଏ'ର ଆତଙ୍କବାଦୀମାନେ ଅପହରଣ କରିବା ପରେ ସୁରକ୍ଷା ବାହିନୀ ୧୫୦ରୁ ଅଧିକ ପଣବନ୍ଦୀଙ୍କୁ ଉଦ୍ଧାର କରିଛି। ନିରାପତ୍ତା ଅଭିଯାନ ବେଳେ ଜାଫର ଏକ୍ସପ୍ରେସ ଅପହରଣ ଘଟଣାରେ ସମ୍ପୃକ୍ତ ଥିବା ୨୭ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ଆତଙ୍କବାଦୀଙ୍କ ସହ ଗୁଳି ବିନିମୟ ପରେ ସୁରକ୍ଷାବାହିନୀ ପଣବନ୍ଦୀମାନଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଥିଲେ। ଉଦ୍ଧାର ହୋଇଥିବା ଯାତ୍ରୀମାନଙ୍କୁ ନିକଟସ୍ଥ ମାଚ୍ ସହରକୁ ନିଆଯାଇଛି, ଯେଉଁଠାରେ ଚିକିତ୍ସା ସହାୟତା ଯୋଗାଇବା ପାଇଁ ଏକ ଅସ୍ଥାୟୀ ଡାକ୍ତରଖାନା ପ୍ରତିଷ୍ଠା କରାଯାଇଛି।

ବିଏଲଏ କହିଛି, ସେମାନଙ୍କର କୌଣସି କ୍ଷୟକ୍ଷତି ଘଟି ନଥିବା ବେଳେ ସେମାନେ ୩୦ ଜଣ ସୈନିକଙ୍କୁ ହତ୍ୟା କରିଥିବା ଦାବି କରିଛନ୍ତି। ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ବେଳେ ଆତ୍ମଘାତୀ ଆକ୍ରମଣକାରୀମାନେ କିଛି ଲୋକଙ୍କୁ ନିକଟରେ ପଣବନ୍ଦୀ ରଖିଥିବା ସୂଚନା ମିଳିଛି।

ଜାଫର ଏକ୍ସପ୍ରେସକୁ କ୍ୱେଟାରୁ ପେଶାୱାର ଅଭିମୁଖେ ଯାତ୍ରା କରୁଥିବା ବେଳେ ଏକ ସୁଡ଼ଙ୍ଗ ଭିତରେ ସଶସ୍ତ୍ର ଆତଙ୍କବାଦୀମାନେ ତାହାକୁ ଅଟକାଇଥିଲେ। ଆକ୍ରମଣକାରୀମାନେ ଟ୍ରାକ୍‌କୁ ଉଡ଼ାଇ ଦେବାରୁ ଟ୍ରେନ୍ ଅଟକିଯିବା ସହ ଇଞ୍ଜିନ୍ ଚାଳକଙ୍କ ମୃତ୍ୟୁ ଘଟିଥିଲା। ସେପଟେ ବନ୍ଦୀ ଥିବା

ଲୋକଙ୍କ ପରିବାରକୁ ସହାୟତା କରିବା ପାଇଁ ସେନା ପେଶାୱ୍ୱର ଏବଂ କ୍ୱେଟା ରେଳ ଷ୍ଟେସନରେ ଜରୁରୀକାଳୀନ ସେବା ଡେସ୍କ ସ୍ଥାପନ କରିଛି ।

## ମାଡାଗାସ୍କର-ଡେଲିଗେସନ୍

ମାଡାଗାସ୍କର ନ୍ୟାସନାଲ ଆସେମ୍ବଲିର ସଭାପତି ଜଷ୍ଟିନ ଟୋକେଲିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଆଜି ନୂଆଦିଲ୍ଲୀସ୍ଥିତ ସଂସଦ ଭବନ ପରିଦର୍ଶନ କରିଛନ୍ତି। ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ କହିଛନ୍ତି, ମାଡାଗାସ୍କର ସହ ଭାରତର ଦୃଢ଼ ଦ୍ୱିପାକ୍ଷିକ ସମ୍ପର୍କ ରହିଛି। ମାଡାଗାସ୍କର ସଂସଦୀୟ ପ୍ରତିନିଧି ମଣ୍ଡଳର ଗସ୍ତ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବ ବୋଲି ସେ କହିଛନ୍ତି। ଏହି ପ୍ରତିନିଧି ଦଳ ସୋମବାର ଦିଲ୍ଲୀରେ ପହଞ୍ଚିଥିଲେ।

## ଗାବାର୍ଡ-ଇଣ୍ଡିଆ ଭିଜିଟ୍

ଆମେରିକାର ଜାତୀୟ ଗୁଇନ୍ଦା ନିର୍ଦ୍ଦେଶକ ତୁଳସୀ ଗବାର୍ଡ କହିଛନ୍ତି, ସେ ଭାରତ-ପ୍ରଶାନ୍ତ ମହାସାଗରକୁ ଏକ ବହୁଦେଶୀୟ ଗସ୍ତରେ ଆସି ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପଙ୍କ ଶାନ୍ତି ଓ ସ୍ୱାଧୀନତାର ଲକ୍ଷ୍ୟ ହାସଲ କରିବା ପାଇଁ ଦୃଢ଼ ସମ୍ପର୍କ ଓ ଯୋଗାଯୋଗର ଦ୍ୱାର ଖୋଲିବା ଉଦ୍ଦେଶ୍ୟରେ ଭାରତ ଗସ୍ତ କରିବେ । ଗୁଇନ୍ଦା ସୂଚନା ଆଦାନପ୍ରଦାନ ବୃଦ୍ଧି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରତିବଦ୍ଧତା ଉପରେ ବୈଠକ ଆଲୋଚନା କରାଯିବ। ଆସନ୍ତା ସପ୍ତାହରେ, ସେ ନୂଆଦିଲ୍ଲୀରେ ଭୂ-ରାଜନୈତିକ ସୁରକ୍ଷା ସମ୍ମିଳନୀ ରାଇସିନା ଡାଏଲଗରେ ଯୋଗ ଦେବେ। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଗତ ମାସରେ

ୱାଶିଂଟନରେ ସାକ୍ଷାତ କରିବା ସମୟରେ ଭାରତକୁ ଆସିବା ଲାଗି ଗାବାର୍ଡଙ୍କୁ ନିମନ୍ତ୍ରଣ କରିଥିଲେ ।

ୱାଶିଂଟନ ଛାଡ଼ିବା ପୂର୍ବରୁ ସେ କହିଛନ୍ତି, ରାଷ୍ଟ୍ରପତି ଟ୍ରମ୍ପ ଶାନ୍ତି, ସ୍ୱାଧୀନତା ଏବଂ ସମୃଦ୍ଧିର ଲକ୍ଷ୍ୟ ହାସଲ କରିବା ପାଇଁ ଦୃଢ଼ ସମ୍ପର୍କ ସ୍ଥାପନ, ବୁଝାମଣା ଏବଂ ଖୋଲା ଯୋଗାଯୋଗ ଗୁରୁତ୍ୱ ଦେଉଛନ୍ତି । ଏସବୁକୁ ସାକାର କରିବା ଲାଗି ସେ ଭାରତ ଗସ୍ତ କରୁଛନ୍ତି ବୋଲି ତୁଲସୀ ଗାବାର୍ଡ କହିଛନ୍ତି । ଏହାପରେ ସେ ଜାପାନ, ଥାଇଲ୍ୟାଣ୍ଡ ଓ ଫ୍ରାନ୍ସ ଗସ୍ତରେ ଯିବେ ।

## ମହିଳା ପ୍ରିମିୟର ଲିଗ୍

ଦିଲ୍ଲୀ କ୍ୟାପିଟାଲ୍ସ ମହିଳା ପ୍ରିମିୟର ଲିଗ୍ କ୍ରିକେଟ୍ ପ୍ରତିଯୋଗିତାର ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ତାଲିକାର ଦ୍ୱିତୀୟ ସ୍ଥାନରେ ଥିବା ମୁମ୍ବାଇ ଇଣ୍ଡିଆନ୍ସ ଏବଂ ତୃତୀୟ ସ୍ଥାନରେ ଥିବା ଗୁଜୁରାଟ ଜ୍ୟାଣ୍ଟ୍ସ ମଧ୍ୟରେ ଆସନ୍ତାକାଲି ଏଲିମିନେଟର ପର୍ଯ୍ୟାୟ ମ୍ୟାଚ୍ ଖେଳାଯିବ । ଏହାର ବିଜେତା ଆସନ୍ତା ଶନିବାର ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଫାଇନାଲ ମ୍ୟାଚ୍ ଖେଳିବ ।

## ଆଇଏମ୍‌ଡି- ୱେଦର

ଭାରତୀୟ ପାଣିପାଗ ବିଭାଗ– ଆଇ.ଏମ୍.ଡି' ଅନୁମାନ କରିଛି, ଆଜି ପଶ୍ଚିମ ରାଜସ୍ଥାନ ଏବଂ ଗୁଜରାଟର କେତେକ ସ୍ଥାନରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ । ଆଇ.ଏମ.ଡି କହିଛି ଆଜି କୋଙ୍କଣ, ଗୋଆ ଏବଂ ଉପକୂଳ କର୍ଣ୍ଣାଟକରେ ଗରମ ଏବଂ ଆର୍ଦ୍ର ପାଗ ରହିବାର ସମ୍ଭାବନା ରହିଛି

। ଅନ୍ୟପକ୍ଷରେ ଆଇ.ଏମ.ଡି.ର ବରିଷ୍ଠ ବୈଜ୍ଞାନିକ ଡକ୍ଟର ସୋମା ସେନ୍ ରାୟ କହିଛନ୍ତି, ଜମ୍ମୁ-କଶ୍ମୀର ଏବଂ ହିମାଚଳ ପ୍ରଦେଶର ପଶ୍ଚିମ ଭାଗରେ ଆଜି ଠାରୁ ବଜ୍ରପାତ ଆରମ୍ଭ ହେବାର ସମ୍ଭାବନା ରହିଛି ।